# Akashvani, Sambalpur

## SAMBALPURI NEWS EVENING BULLETIN

**23 July 2025- 7.02 pm- 7.12 pm.**

*********************************************

୧- ଉପରାଷ୍ଟ୍ରପତି ନିର୍ବାଚନ୍ ଲାଗି ନିର୍ବାଚନ୍ ଆୟୋଗ୍ ତର୍‌ଫୁ ମୁଲ୍ ହେଲା ପ୍ରକ୍ରିୟା ।

୨- ରାଏଜେ ଆଉ ୫୬ ଟା ନୂଆଁ ସିଭିଲ୍ କୋର୍ଟ ଥାପ୍‌ନା ଲାଗି ରାଜ୍ୟପାଲ୍‌ଙ୍କର୍ ମଞ୍ଜୁରୀ ।

୩- ପଶ୍ଚିମ ଓଡ଼ିଶାର୍ ୩୮ ଟା ଉଚ୍ଚବିଦ୍ୟାଳୟ ହେବା ଉନ୍ନୀତ ।

୪- ପହେଲା ରେଡ଼ିଓ ପ୍ରସାରଣ୍‌କେ ସୁର୍‌ତା କରିକରି ଆଏଜ୍ ପାଲନ୍ କରାଯାଉଛେ ଜାତୀୟ ପ୍ରସାରଣ୍ ଦିବସ୍ ।

ଆଉର୍

୫- ସାମୁଦ୍ରିକ ଝଡ଼ 'ୱିଫା'ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଘଡ୍‌ଘଡ଼ି ସହେତେ ହେଇପାରେ ବର୍ଷା ।

ଉପରାଷ୍ଟ୍ରପତି ନିର୍ବାଚନ ବିଜ୍ଞପ୍ତି ପି.ଆଇ.ବି

ଉପରାଷ୍ଟ୍ରପତି ପଦ୍‌ନୁ ଜଗଦୀପ ଧନ୍‌ଖଡ଼ ଇସ୍ତଫା ଦେବାର୍ ଉତ୍‌ରୁ ଇ ପଦ୍‌ବୀ ଲାଗି ନିର୍ବାଚନ କମିଶନଙ୍କର୍ ତର୍‌ଫୁ ପ୍ରକ୍ରିୟା ମୁଲ୍ ହେଇଛେ । ଉପରାଷ୍ଟ୍ରପତି ନିର୍ବାଚନ ଲାଗି ତୟାରି ଶେଷ୍ ହେଲା ଉତ୍‌ରୁ ନିର୍ବାଚନ ଆୟୋଗ୍ ତର୍‌ଫୁ ତାରିଖ୍ ଘୋଷ୍‌ନା କରାଯିବା । ଇତାର୍ ଆଘୋନୁ ରାଜ୍ୟ ସଭା ଆଉ ଲୋକ୍ ସଭାର୍ ନିର୍ବାଚିତ୍ ଆଉ ମନୋନୀତ୍ ସଦସ୍ୟମାନ୍‌କୁ ନେଇକରି ଇଲେକ୍ଟୋରାଲ୍ କଲେଜ୍ ତୟାରି କାମ୍ ମୁଲ୍ ହେଇଛେ । ଇନ ଜନେଇ ଦିଆଯାଇପାରେ ଯେ, ସମ୍ବିଧାନ ଅନୁଚ୍ଛେଦ ୩ ଶହ ୨୪ ଅନ୍‌ସାରେ ଉପରାଷ୍ଟ୍ରପତି ପଦ୍ ଲାଗି ନିର୍ବାଚନ କର୍‌ବାର୍ ନିୟମ୍ ରହିଛେ ।

ମୌସୁମୀ ଅଧିବେଶନ୍ ଏନ୍‌ଏସ୍‌ଡି

ସଂସଦ୍‌ର ମୌସୁମୀ ଅଧିବେଶନ୍‌ର ୩ ନମ୍ବର୍ ଦିନେ ଆଏଜ୍ ଭିଲ୍ ବିରୋଧୀମାନ୍‌କର୍ ଜବର୍ କିର୍ଲାଗଗା ଲାଗି ଗୃହକାର୍ଯ୍ୟ ବାଧା ହେଇଥିଲା । ବାର୍‌ବାର୍ ମୁଲ୍‌ତବୀ ହେବାର୍‌ନୁ ଦିନର୍ ୨ ବଜେ ଦୁହି ସଦନ୍‌କେ ଆଏବା କାଏଲ୍‌ତକ୍ ମୁଲ୍‌ତବୀ

ଘୋଷ୍ନା କରାଯାଇଥିଲା । ହୋହଲ୍ଲା ଭିତ୍ରେ କ୍ରୀଡ଼ା ଆଉ ଯୁବବ୍ୟାପାର୍ ମନ୍ତ୍ରୀ ମନସୁଖ୍ ମାଣ୍ଡଭିୟ ଲୋକ୍ସଭା ନ ଜାତୀୟ କ୍ରୀଡ଼ା ପ୍ରଶାସନ ବିଧେୟକ ୨୦୨୫ ଆଉ ଜାତୀୟ ଡୋପ୍ ନିରୋଧୀ ସଂଶୋଧନ୍ ବିଧେୟକ୍ -୨୦୨୫ ଆଗତ୍ କରିଥିଲେ । ହୋହଲ୍ଲା ବଢ୍ବାର୍ନୁ ବାଚସ୍ପତି ଆଏବା କାଏଲ୍ ତକ୍ ଗୃହକେ ମୁଲ୍ତବୀ ଘୋଷ୍ନା କରିଥିଲେ ।
ରାଜ୍ୟସଭା ନ ଭିଲ୍ ସମାନ୍ ଥିତି ଲାଗି ରହିଥିଲା ।

ନୂଆ ସିଭିଲ୍ କୋର୍ଟ       ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଏଜେ ଆଉ ୫୬ଟା ନୂଆ ସିଭିଲ୍ କୋର୍ଟ ଥାପ୍ନା କରାଯିବା । ଇଥିର୍ ଲାଗି ଗେଜେଟେଡ୍ ଆଉ ଅଣଗେଜେଟେଡ୍ ବର୍ଗର୍ ୮ ଶହ ୪୦ଟା ନୂଆ ପଦ୍ବୀକେ ରାଜ୍ୟପାଲ ଡକ୍ଟର ହରିବାବୁ କମ୍ଭମ୍ପାଟି ମଞ୍ଜୁରୀ ଦେଇଛନ୍ । ରାଜ୍ୟ ଆଇନ ବିଭାଗ ତର୍ଫୁ ଆକାଉଂଟାଂଟ ଜେନେରାଲ୍ଙ୍କୁ ଚିଠି ଜରିଏ ଜନେଇ ଦିଆଯାଇଛେ । ସମ୍ବଲପୁର, ନୂଆପଡ଼ା, ସୁନ୍ଦରଗଡ଼, ମାଲକାନଗିରି, ମୟୁରଭଞ୍ଜ, ପୁରୀ, ନବରଙ୍ଗପୁର ଆର୍ ରାୟଗଡ଼ାଠାନେ ଇ ସବୁ ନୂଆ କୋର୍ଟ ଥାପ୍ନା କରାଯିବା । ସବୁଜୁ ଜହ ମୟୁରଭଞ୍ଜଠାନେ ୧୨ଟା ନୂଆ ସିଭିଲ୍ କୋର୍ଟ ଥାପ୍ନା କରାଯିବା ବଲି ଜନାପଡ଼ିଛେ ।

ଗଣଶିକ୍ଷା ମନ୍ତ୍ରୀ-ଉଚ୍ଚବିଦ୍ୟାଳୟ ଉନ୍ନୀତ ଏକ୍ସ

ରାଏଜେ ଶହେ ୨ ଟା ଉଚ୍ଚବିଦ୍ୟାଲୟକେ ଉନ୍ନତ୍ କରାଯାଇକରି ଯୁକ୍ତ ଦୁଇ ପାଠ୍‌ପଢ଼ାଥି ସାମିଲ୍ କରାଯିବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ମନ୍ତ୍ରୀଙ୍କର୍ ସୂଚ୍‌ନା ଅନ୍‌ସାରେ କଲାହାଣ୍ଡି ଜିଲ୍ଲା ନ ୧୨, ନୂଆପଡ଼ାର୍ ୧୦, ବଲାଙ୍ଗିରର୍ ୯, ଝାର୍‌ସୁଗୁଡ଼ା ଆଉ ବୌଦ୍ଧର୍ ୩ ଆର୍ ଦେବ୍‌ଗଡ୍‌ର ଗୁଟେ ଉଚ୍ଚବିଦ୍ୟାଲୟ ଉନ୍ନୀତ୍ ହେବା । ସର୍‌କାର୍‌ଙ୍କର୍ ଇ ନିଷ୍ପତି ଜରିଏ ଯୁକ୍ତ ଦୁଇ ପାଠ୍‌ପଢ଼ାନୁ ବଂଚିତ୍ ହେଉଥିବା ପିଲାମାନେ ପାଖର୍ ବିଦ୍ୟାଲୟମାନ୍‌କେ ୧୧ ଆଉ ୧୨ ଶ୍ରେଣୀ ପାଠ୍‌ପଢ଼ିପାର୍‌ବେ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ମୁଖ୍ୟମନ୍ତ୍ରୀ ସମୀକ୍ଷା I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଘଟଗାଁ ତାରିଣୀ ପୀଠ, ଯାଜ୍‌ପୁର୍ ବିରଜା ମନ୍ଦିର୍ ପରିକ୍ରମା ପ୍ରକଳ୍ପ ଆଉ ଏକାମ୍ର କ୍ଷେତ୍ରର୍ ବିକାଶ୍ କାମ୍‌ର ସମୀକ୍ଷା କରିଛନ୍ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ତାରିଣୀ ପୀଠର୍ ବିକାଶ୍ ଲାଗି ୫୮ ଏକଡ଼୍

ଜାଗା ନ ୪ ଟା ଖେପେ କାମ୍ ଚାଲିଛେ । ଅଢ଼େଇ ବଛର୍ ଭିତ୍‌ରେ ପ୍ରକଳ୍ପ କାମ୍ ଶେଷ୍ ହେବା । ସେନ୍ତା ଯାଜ୍‌ପୁର୍, ବିରଜା ପୀଠର୍ ପରିକ୍ରମା ପ୍ରକଳ୍ପ ଭିଲ୍ ୪ ଟା ଖେପେ ଚାଲିଛେ ବଲି ଜନାପଡ଼ିଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭୁବ୍‌ନେଶ୍ୱର୍ ଲିଙ୍ଗରାଜ୍ ମନ୍ଦିରର୍ ଚାର୍‌ହିପାଖେ ଥିବା ଛୋଟ୍‌ବଡ଼ ମନ୍ଦିର୍ ମାନ୍‌କର୍ ମରାମତି କର୍‌ବାର୍ ଲାଗି ପ୍ରତ୍ନତତ୍ୱ ବିଭାଗ୍ ସଙ୍ଗେ ଆଲୋଚନା କର୍‌ବାର୍‌କେ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ ।

ଅତ୍ୟାଧୁନିକ୍ ସମନ୍ୱିତ ମତ୍ସ୍ୟ ଚାଷୀ ତାଲିମ୍ କେନ୍ଦ୍ର I&PR

ଭୁବନେଶ୍ୱର୍ କୌଶଲ୍ୟାଗଙ୍ଗ ସର୍‌କାରୀ ମାଛ ଯାଆଁଳ ଉତ୍ପାଦନ୍ କେନ୍ଦ୍ର ଠାନେ ଅତ୍ୟାଧୁନିକ୍ ସମନ୍ୱିତ ମତ୍ସ୍ୟ ଚାଷୀ ତାଲିମ୍ କେନ୍ଦ୍ରର୍ ଭିତିପ୍ରସ୍ତର୍ ଥାପ୍‌ନା କରାଯାଇଛେ । ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିକାଶ୍ ବିଭାଗ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ - କେନ୍ଦ୍ରର୍ ଭିତିପ୍ରସ୍ତର୍ ଥାପ୍‌ନା କରିକରି କହିଛନ୍, ଇଠାନେ ଚାଷୀମାନେ ଉନ୍ନତ୍ ମାଛ ପ୍ରଯୁକ୍ତିବିଦ୍ୟା ବାବ୍‌ଦେ ତାଲିମ୍ ନେଇପାର୍‌ବେ । ଇତାର୍ ଜରିଏ ଚାଷୀମାନ୍‌କର୍ ଉତ୍ପାଦନ୍ ଦୁଇଗୁନା ହେବାର୍ ସହେତେ ଜୀବିକା ଆହୁରି ଅଏତ୍‌କା ସୁରକ୍ଷିତ୍ ହେଇପାର୍‌ବା ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ ।

ଜାତୀୟ ପ୍ରସାରଣ୍ ଦିବସ୍       ଏନ୍ଏସ୍ଡି/ଆର୍ଏନ୍ୟୁ/ କଟକ୍

ଦେଶର୍ ବିକାଶ୍, ଶିକ୍ଷାଗତ ପ୍ରସାରଣ୍ ଆଉ ସାଂସ୍କୃତିକ୍ ସଂରକ୍ଷଣ୍ ଦିଗେ ପ୍ରସାରଣ୍ କ୍ଷେତ୍ରର୍ ଗୁରୁତ୍ୱପୂର୍ଣ୍ଣ ଭୂମିକାକେ ସୁର୍ତା କରିକରି ସାରା ଦେଶେ ଆଏଜ୍ ପାଲନ୍ ହେଉଛେ ଜାତୀୟ ପ୍ରସାରଣ୍ ଦିବସ୍ । ୧୯୨୭ ମସିହା ଆଜିରର୍ ଦିନେ ଭାରତୀୟ ପ୍ରସାରଣ୍ କମ୍ପାନୀ ଅଧୀନ୍ଥି ବମ୍ବେ ଷ୍ଟେସନ୍ନୁ ଦେଶର୍ ପହେଲା ରେଡ଼ିଓ ପ୍ରସାରଣ୍ ମୁଲ୍ ହେଇଥିଲା । ୧୯୩୬ ମସିହା ଜୁନ୍ ୮ ତାରିଖ୍ ଭାରତୀୟ ପ୍ରସାରଣ୍ ସେବାର୍ ନାଁ ଅଲ୍ଇଣ୍ଡିଆ ରେଡ଼ିଓ ରଖାଯାଇଥିଲା । ପଛେ ଇତାର୍ ନାଁ ଆକାଶ୍ବାଣୀ ରଖାଯାଇଥିଲା । ଗଲା ୯୦ ବଛର୍ ହେଲା ଭିନ୍ ଭିନ୍ ବର୍ଗର୍ ଶ୍ରୋତାମାନ୍କର୍ ପାଖେ ଶିକ୍ଷା, ସ୍ୱାସ୍ଥ୍ୟ ଆଉ ମନୋରଞ୍ଜନ୍ ବାଗିର୍ ଭିନ୍ ଭିନ୍ କ୍ଷେତ୍ରର୍ ସୂଚ୍ନା ପୁହୁଁଚେଇକରି ଆକାଶ୍ବାଣୀ ନିଜର୍ ଗୁଟେ ଭିନେ ଛାପ୍ ଛାଡ଼ିପାରିଛେ । ଆକାଶ୍ବାଣୀ ଇ ଲମ୍ବା ଯାତ୍ରା ବାବ୍ଦେ ଗୁଟେ ରିପୋର୍ଟ....

( ଭଏସ୍ ଓଭର୍- ବିସ୍ମିତା ପଧାନ୍)

ସ୍ୱାଧୀନତା ସଂଗ୍ରାମ୍ ସମିଆଥି ସୂଚନା, ଶିକ୍ଷା ଆଉ ମନୋରଞ୍ଜନ୍ର ପ୍ରସାରଣ୍ ବଢ଼ାବାର୍ ସହେତେ ଗୁଟେ ଶକ୍ତିଶାଲୀ ମାଧ୍ୟମ୍ ହିସାବେ ରେଡ଼ିଓ ଲୁକ୍କର୍ ଭିତ୍ରେ ଖାସ୍ ପରିଚୟ ତିଆର୍ କରିପାରିଛେ । ସ୍ୱାଧୀନତା ଉତ୍ରୁ ସାକ୍ଷରତା, ସ୍ୱାସ୍ଥ୍ୟ, ସଚେତନତା ଆଉ କୃଷି ବାବଦ୍ ଜ୍ଞାନ୍କେ ତହଁକାବାର୍ ଦିଗେ

ରେଡ଼ିଓ ବନେ ସହାୟକ୍ ହେଇଥିଲା । ୧୯୫୬ ମସିହା ବେଲ୍‌କେ ଜାତୀୟ ପ୍ରସାରଣ୍‌କାରୀ ନାଁକେ ବଦ୍‌ଲେଇକରି ଆକାଶ୍‌ବାଣୀ କରାଯାଇଥିଲା । ତାର୍ ଉତ୍‌ରୁ ୧୯୫୭ ମସିହା ବେଲ୍‌କେ ବିବିଧ ଭାରତୀ ସେବା ମୁଲ୍ ହେଇଥିଲା । ବିବିଧଭାରତୀ ଲୋକପ୍ରିୟ ଚଳଚ୍ଚିତ୍ରର୍ ଗୀତ୍ ପ୍ରସାରଣ୍ କରିକରି ଶ୍ରୋତାମାନ୍‌କୁ ମନୋରଞ୍ଜନ୍‌ର ଖୋବ୍ ଖୁରାକ୍ ଯୁଗେଇ ଥିଲା । ବଛର୍ ବଛର୍ ଧରି ଆକାଶ୍‌ବାଣୀ ସାମାଜିକ୍ ଗଣମାଧ୍ୟମ୍, ନ୍ୟୁଜ୍ ଅନ୍ ଏଆଇଆର୍ ମୋବାଇଲ୍ ଆପ୍, ପଡ୍‌କାଷ୍ଟ ସିରିଜ୍ ବାଗିର୍ ପ୍ଲାଟ୍‌ଫର୍ମଥି ନିଜର୍ ଉପସ୍ଥିତି ଜାହିର୍ କରିଆସିଛେ । ଜାତୀୟ ପ୍ରସାରଣ୍ ଦିବସ୍ ଅବସରେ ପ୍ରସାର୍ ଭାରତୀ ଅଧ୍ୟକ୍ଷ ନବନୀତ୍ କୁମାର୍ ଶେହଗଲ୍ କହିଛନ୍...

(ଭଏସ୍ ଓଭର୍- ନବନୀତ୍ କୁମାର୍ ଶେହଗଲ୍)

ପ୍ରସାରଣ୍ ସେବା ପ୍ରତିଷ୍ଠା ହେବାର୍ ଇ ୮୯ ବଛର୍ ଭିତ୍‌ରେ ଆକାଶ୍‌ବାଣୀ ସବୁ ବର୍ଗର୍ ଶ୍ରୋତାମାନ୍‌କର୍ ଚାହିଦା ପୂରଣ୍ କରିଚାଲିଛେ । ଶ୍ରୋତାମାନ୍‌କୁ ସଠିକ୍ ସୂଚ୍‌ନା ଦେବାର୍ ସହେତେ ବହୁଜନହିତାୟ, ବହୁଜନ ସୁଖାୟ ମୁଲ୍ ମନ୍ତର୍‌କେ ପାଳନ୍ କର୍‌ବାର୍ ଲାଗି ବର୍‌କସ୍ ଚେରେଷ୍ଟା ଜାରି ରଖିଛେ । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ବିସ୍ମିତା ପଧାନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୭ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ନିଜର୍ ମତାମତ୍ ଆଏବା ୨୫ ତାରିଖ୍ ଭିତ୍‌ରେ ଦେଇପାର୍‌ବେ ।

## ନୂଆ ବାଟାଲିୟନ୍ ଗଠନ୍

ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଓଡ଼ିଶା ଶିଳ୍ପ ନିରାପତା ବାହିନୀ-ଓଆଇଏସ୍‌ଏଫ୍‌ର ଆଉ ୨ଟା ବାଟାଲିୟନ୍ ଗଠନ୍ କର୍‌ବାର୍ ବାବଦ୍ ପ୍ରସ୍ତାବ୍‌କେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଞ୍ଜୁର କରିଛନ୍ । ଇ ୨ଟା ନୂଆ ବାଟାଲିୟନ୍ ଲାଗି ମୋଟ୍ ୨ ହଜାର ୮୦ଟା ପଦ୍‌ବୀ ସୃଷ୍ଟି କରାଯାଇଛେ । ସେଥିର୍

ଭିତ୍‌ରୁ ୧ ହଜାର ୯ ଶହ ୪୪ଟା ନିୟମିତ୍ ପଦ୍‌ବୀ ଥିଲା ବେଲ୍‌କେ ଶହେ ୩୬ଟା ପଦ୍‌ବୀ ଆଉଟ୍‌ସୋର୍ସିଂ ଭିତିଥି ପୂରଣ କରାଯିବା ।

ଉପମୁଖ୍ୟମନ୍ତ୍ରୀ-ବଳଙ୍ଗା ପିଡ଼ିତା ଏକ୍ସ

ପୁରୀ ଜିଲ୍ଲା ବଳଙ୍ଗା ଘଟ୍‌ନାକେ ନେଇକରି କ୍ରାଇମ୍‌ବ୍ରାଂଚ୍ ଟିମ୍ ତଦନ୍ତ୍ ଜାରି ରଖିଛେ । ଗଲାକାଏଲ୍ ଡେରିରାତି ପିଡ଼ିତାଙ୍କର୍ ମାମୁଘର୍‌କେ ଯାଇକରି କ୍ରାଇମ୍‌ବ୍ରାଂଚ୍ ଟିମ୍ ପଚ୍‌ରାଉଚ୍‌ରା କରିଛନ୍ । ଏବ୍‌ତକ୍ ଘଟ୍‌ନାଥି କାହାର୍ କାହାର୍ ସମ୍ପୃକ୍ତି ରହିଛେ ଜନା ନୁହେଁ ପଡ଼େ । ସେଆଡ଼େ ଦିଲ୍ଲୀ ଏମ୍ସଠାନେ ବଳଙ୍ଗା ପିଡ଼ିତାଙ୍କର୍ ଚିକିତ୍ସା ଭିଲ୍ ଚାଲିଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଏଜ୍ ଦିଲ୍ଲୀ ଗସ୍ତ ଅବ୍‌ସରେ ଏମ୍ସ ଡାକ୍ତର୍‌ଖାନାକେ ଯାଇକରି ପିଡ଼ିତାଙ୍କୁ ଭେଟିଛନ୍ । ତାଙ୍କର୍ ସ୍ୱାସ୍ଥ୍ୟବସ୍ଥା ପଚ୍‌ରାବାର୍ ସହେତେ ଚିକିତ୍ସା ସେବା ବାବ୍‌ଦେ ଡାକ୍ତର୍‌ମାନ୍‌କର୍ ସାଙ୍ଗେ ଆଲୋଚନା କରିଥିବାର୍ ଜନାପଡ଼ିଛେ ।

ଲୋକ୍‌ସେବା ଭବନ୍- ଦିଗ୍‌ଦର୍ଶନ୍ କାର୍ଯ୍ୟକ୍ରମ୍ I&PR

ସୁରକ୍ଷିତ୍ ଆଉ ମର୍ଯ୍ୟାଦାପୂର୍ଣ୍ଣ କର୍ମକ୍ଷେତ୍ର ଲାଗି ରାଜ୍ୟ ସର୍କାର୍ ପ୍ରତିଶ୍ରୁତିବଦ୍ଧ ଆନ୍ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ପୋସ୍ ଆଇନ୍-୨୦୧୩ କେ ନେଇକରି ଲୋକ୍‌ସେବା ଭବନ୍ କର୍ମଚାରୀ ମାନ୍‌କର୍ ଦିଗ୍‌ଦର୍ଶନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍, କର୍ମକ୍ଷେତ୍ର ନ ପୁରୁଷ ଆଉ ମହିଳା ଲିଙ୍ଗଗତ ନିର୍ଯ୍ୟାତନା ଶୀକାର୍ ହେବାର୍ ସମ୍ଭାବନା ରହିଛେ । କେନ୍‌ସି ଭିଲ୍ ଜାଗା ନ ଇ ପ୍ରକାର୍ ନିର୍ଯ୍ୟାତନା ହେଲେ ଇତାର୍ ବିରୋଧ୍‌ଥି ଆବାଜ୍ ଉଠାବାର୍‌କେ ଶ୍ରୀମତୀ ପରିଡ଼ା ଆହ୍ୱାନ୍ ଦେଇଛନ୍ ।

ପୋସ୍ ଆଇନ୍-୨୦୧୩ ହି.ସ.

କର୍ମକ୍ଷେତ୍ର ନ ମହିଳା ମାନ୍‌କର୍ ଉପ୍‌ରେ ହେଉଥିବା ଯୌନ ନିର୍ଯ୍ୟାତନା ନିରୋଧୀ -ପୋସ୍ ଆଇନ୍-୨୦୧୩ କେ ନେଇକରି ଆଏଜ୍ ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍‌ଙ୍କର୍ ଅଧ୍ୟକ୍ଷତାଥି ପୁଲିସ୍ ଆଉ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କର୍ ସମନ୍ୱୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମହାନଗର୍ ନିଗମ ଆୟୁକ୍ତ ବେଦଭୂଷଣ୍‌ଙ୍କର୍ ସହେତେ ଅଲ୍‌ଗା ବରିଷ୍ଠ ପ୍ରଶାସନିକ୍ ଅଧିକାରୀ ଆଉ

ପୁଲିସ୍ ଅଧିକାରୀମାନେ ଯୋଗ୍ ଦେଇକରି କର୍ମକ୍ଷେତ୍ର ନ ମହିଲାମାନ୍କର୍ ସୁରକ୍ଷା ବାବ୍ଦେ ଆଲୋଚନା କରାଯାଇଥିଲା । ପୁଲିସ୍ ଆଉ ପ୍ରଶାସନ୍ ତର୍ଫୁ ମହିଲା ସୁରକ୍ଷା ଆଇନ୍ ଅନ୍ସାରେ ୧୦ ଝନ୍ କି ତାର୍ଠାନୁ ଅଏତ୍କା ସଦସ୍ୟଙ୍କୁ ନେଇକରି ଆଭ୍ୟନ୍ତରିଣ ଅଭିଯୋଗ୍ କମିଟି ଗଠନ୍, ସଦସ୍ୟମାନ୍କର୍ କ୍ଷମତା ବୃଦ୍ଧି ଆଉ ତାଲିମ୍ ବ୍ୟବସ୍ଥା, କମ୍ ସମିଆ ଭିତ୍ରେ ଅଭିଯୋଗ୍ ମାନ୍କର୍ ତଦନ୍ତ୍ ଲାଗି ନିୟମ୍, ବାର୍ଷିକ୍ ରିପୋର୍ଟ୍ ଆଉ କାମ୍ଥି ସ୍ୱଚ୍ଛତା, ବ୍ଲକ୍, ତହସିଲ୍ ଆର୍ ତାଲୁକ୍ସ୍ତରଥି ଜିଲ୍ଲାସ୍ତରୀୟ ପରାମର୍ଶଦାତା କମିଟି ବାଗିର୍ ବିଷେଥି ଆଲୋଚନା କରାଯାଇଥିଲା ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ସାମୁଦ୍ରିକ ଝଡ଼ 'ଓ୍ୱଫା'ର ପ୍ରଭାବ୍ଥି ଉତର୍ ବଙ୍ଗୋପ୍ସାଗର୍ ନ ବନିଥିବା ଘୂର୍ଣ୍ଣିବଲୟ ସକ୍ରିୟ ହେବାର୍ଥି ଲାଗିଛେ । ଆଏବା ୨୪ ଘଂଟା ଭିତ୍ରେ ଇଟା ଲଘୁଚାପ୍ କ୍ଷେତ୍ରଥି ବଦ୍ଲିବାର୍ ସମ୍ଭାବନା ରହିଛେ ।  ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଘଡ଼୍ଘଡ଼ି ସହେତେ ଜବର୍ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।